# ଭାଇଚାରାର ସହର ଭାଗ ଭାଗ

- ଗଣପର୍ବ ଲକ୍ଷ୍ମୀପୂଜାରେ ତେଜିଲା ହିଂସା
- ଅଭିଜ୍ଞତା ଅଭାବରୁ ପରିବେଶ ଅଶାନ୍ତ
- ପରିଚାଳନା କରିପାରିଲାନି ପୋଲିସ କିମ୍ବା ପ୍ରଶାସନ



ଢେଙ୍କାନାଳ ଅଫିସ, ୨୦।୧୦

ସରିଛି ଗଣପର୍ବ ଲକ୍ଷ୍ମୀପୂଜା। ଆନନ୍ଦ ଉଲ୍ଲାସର ସହ ମା'ଙ୍କୁ ବିଦାୟ ଦେଇଛନ୍ତି ସହରବାସୀ। ଭବ୍ୟ ଭସାଣି ଶୋଭାଯାତ୍ରାର ଝଲକ୍ ସବୁଆଡ଼େ ଚର୍ଚ୍ଚିତ ପ୍ରସଙ୍ଗ ପାଲଟିଥିବାବେଳେ ଏଥିରେ ଯୋଡ଼ିହୋଇଛି ହିଂସାକାଣ୍ଡ, ରକ୍ତପାତର ଅଲୋଡ଼ା ଅଧ୍ୟାୟ। ୧୧ ଦିନାତ୍ମକ ପୂଜା ମହୋତ୍ସବରେ ଏକାଧିକ ପୂଜା ପ୍ରତିଷ୍ଠାନ ମୁହାଁମୁହିଁ ହେବା, ପଥରମାଡ଼, ମରଣାନ୍ତକ ଆକ୍ରମଣଠାରୁ ଆରମ୍ଭ କରି ମେଢ଼ ଭଙ୍ଗାରୁଜା ଯାଏ କଥା ଯାଇଛି। ଏମିତି ହଠାତ୍ କ'ଣ ହେଲା ଯେ, ଭାଇଚାରାର ସହର ହଠାତ୍ ଭାଗ ଭାଗ ହୋଇଗଲା, ଲକ୍ଷ୍ମୀପୂଜା ଇତିହାସରେ କେବେ ଘଟି ନ ଥିବା ଘଟଣାମାନ ଘଟିଲା, ଏଭଳି ବିବାଦ ପରେ ସମାଧାନର ରାସ୍ତା କ'ଣ, କେବେ ପୁଣି ସ୍ଥିତି ସ୍ୱାଭାବିକ ହେବ ଏଭଳି ଅନେକ ଅସମାହିତ ପ୍ରଶ୍ନ ଏବେ ଜନସାଧାରଣଙ୍କୁ ଆନ୍ଦୋଳିତ କରୁଛି। ଅନ୍ୟପଟେ ଶୃଙ୍ଖଳା ରକ୍ଷା ଦାୟିତ୍ୱରେ ଥିବା ପଦସ୍ଥ ଅଧିକାରୀଙ୍କ ଅଭିଜ୍ଞତାର ଅଭାବ ହିଁ ଏଭଳି ହିଂସାକାଣ୍ଡ ତଥା ବିବାଦ ବଢ଼ାଇବା ପାଇଁ ସୁଯୋଗ ସୃଷ୍ଟି କଲା ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି, ଯାହା ପୋଲିସ, ପ୍ରଶାସନ, ମିଳିତ ବଜାର ପୂଜା କମିଟି, ଶାନ୍ତି କମିଟି ମଧ୍ୟରେ ସମନ୍ୱୟ ଅଭାବ ଏବଂ ପରିଚାଳନାଗତ ବିଫଳତା ଆଡ଼କୁ ଆଙ୍ଗୁଳି ନିର୍ଦ୍ଦେଶ କରିଛି।

ଆରମ୍ଭରୁ ଶେଷ ଯାଏ ବିବାଦ ହିଁ ବିବାଦ। ଏଭଳି ଶେଷ ହୋଇଛି ଢେଙ୍କାନାଳର ପ୍ରସିଦ୍ଧ ଲକ୍ଷ୍ମୀପୂଜା। ମିଳିତ ବଜାର ପୂଜା କମିଟି ସଭାପତି ଚୟନକୁ ନେଇ ରାଜନୈତିକ କନ୍ଦଳ ହେଉ କି କଲେଜ ବଜାର ପୂଜା ପ୍ରତିଷ୍ଠାନ ଏବଂ ସମ୍ପୃକ୍ତ ଅଞ୍ଚଳରେ ପୃଥକ୍ ପୂଜା କରୁଥିବା ଅନ୍ୟ ଏକ ପ୍ରତିଷ୍ଠାନ ମୁହାଁମୁହିଁ ହେବା ଅଥବା ଅରବିନ୍ଦ ବଜାର ମହିଷାପାଟ ଏବଂ ଜୁବିଲି ଟାଉନ–୧ ପୂଜା ପ୍ରତିଷ୍ଠାନ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦ ଏସବୁ ପ୍ରଥମ ପର୍ଯ୍ୟାୟ ପୂଜା ମାହୋଲକୁ ଅଶାନ୍ତ କରି ଦେଇଥିଲା। ହେଲେ କୌଣସି ମତେ ଏହାର ସମାଧାନ କରିଥିଲା ପୋଲିସ, ପ୍ରଶାସନ ଏବଂ ଶାନ୍ତି କମିଟି। ତେବେ ଭସାଣିର ୩ଦିନ ପୂର୍ବରୁ ବେଆଇନ ପାର୍କିଂ ଓ ଚାନ୍ଦା ଆଦାୟକୁ ନେଇ କୈବଲ୍ୟ ବଜାର ଓ ଜୁବିଲି ଟାଉନ୍–୨ ପୂଜା ପ୍ରତିଷ୍ଠାନ ମଧ୍ୟରେ ବିବାଦ ଉଗ୍ରରୂପ ନେଇଥିଲା। ଆକ୍ରମଣ–ପ୍ରତି ଆକ୍ରମଣରେ ୨ ବରିଷ୍ଠ ପୋଲିସ ଅଧିକାରୀ ଗୁରୁତର ହୋଇଥିଲେ। ଏହି ଘଟଣାରେ ୬ଟି ମାମଲା ରୁଜୁ ହୋଇଥିବାବେଳେ ଉଭୟ ପକ୍ଷରୁ ୧୩ଜଣ ଗିରଫ ହୋଇଛନ୍ତି। ତେବେ ଜୁବିଲି ଟାଉନ୍–୨ର ୧୧ଜଣ ଗିରଫ ହୋଇ କୋର୍ଟଚାଲାଣ ହୋଇଥିବାବେଳେ ଏହାକୁ ସହଜରେ ଗ୍ରହଣ କରିପାରି ନ ଥିଲେ ସମ୍ପୃକ୍ତ ଗୋଷ୍ଠୀ। ପ୍ରତିବାଦରେ ପୂଜା ପ୍ରତିଷ୍ଠାନ ଆଲୋକ ବନ୍ଦ କରାଯାଇଥିଲା, ଯାହାକୁ ସମର୍ଥନ ଜଣାଇଥିଲା ଜୁବିଲିଟାଉନ–୧। ଉକ୍ତ ଅଞ୍ଚଳ ଦେଉଳସାହି ନାମରେ ପରିଚିତ। ଏହା ମଧ୍ୟରେ ୩ ପୂଜା ପ୍ରତିଷ୍ଠାନ ରହିଛି। ତେବେ ଗୋଟିଏ ଗୋଷ୍ଠୀର ୧୧ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ ଗୋଷ୍ଠୀର ଅଭିଯୁକ୍ତଙ୍କୁ ଗିରଫ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ବିବାଦ ବଢ଼ିବା ଆଶଙ୍କା ଥିବାରୁ ଜୁବିଲି ଟାଉନ–୨ ଏବଂ କୈବଲ୍ୟ ବଜାର ମିଳିତ ଭସାଣି ଶୋଭାଯାତ୍ରାରେ ସାମିଲ ନ ହୋଇ ସକାଳୁ ମେଢ଼ ବିସର୍ଜନ ସାରିଦେଇଥିଲେ।

ସେହିପରି ଭସାଣି ଶୋଭାଯାତ୍ରା ଚାଲିଥିବା ବେଳେ କଣ୍ଟାନାଳି ବାଇପାସ୍ ଛକ ପୂଜା ପ୍ରତିଷ୍ଠାନ ଓ ବନମାଳୀପ୍ରସାଦ ପୂଜା ପ୍ରତିଷ୍ଠାନ ମଧ୍ୟରେ ବିବାଦ ତୀବ୍ର ରୂପ ନେଇଥିଲା। ବିପକ୍ଷ ଗୋଷ୍ଠୀର ପଥରମାଡ଼ରେ କଣ୍ଟାନାଳି ବାଇପାସ୍ ମେଢ଼, ବ୍ୟାଣ୍ଡପାର୍ଟି ଭାଙ୍ଗିରୁଜି ଯାଇଥିଲା। ଏଥିରେ ୩୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କ୍ଷତି ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ୨ ପୋଲିସ କର୍ମଚାରୀଙ୍କ ସମେତ ଉଭୟ ଗୋଷ୍ଠୀରୁ ୭ ଗୁରୁତର ହୋଇଛନ୍ତି। ଗୁରୁବାର ସକାଳେ ବିବାଦ ପୁଣି ତେଜିଥିଲା। ଏଥିରେ କେତେଜଣ ଆହତ ହୋଇଥିବାବେଳେ ବାଇକ୍ ଭଙ୍ଗାରୁଜା ହୋଇଛି। ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିବାବେଳେ ବନମାଳୀପ୍ରସାଦ ଅଞ୍ଚଳର ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ଘଟଣାକୁ ନେଇ ୩ ମାମଲା ରୁଜୁ ହୋଇଥିବା ବେଳେ କାହାରିକୁ ଗିରଫ କରାଯାଇନାହିଁ। ସ୍ଥିତି ଉତ୍ତେଜନା ଥିବାରୁ ପୋଲିସ ମୁତୟନ କରାଯାଇଥିବା ଏସ୍‌ପି ଲୋଗାନୟାଗି ଦିବ୍ୟା ଭି. ସୂଚନା ଦେଇଛନ୍ତି। ପୋଲିସ–ପ୍ରଶାସନ ମଧ୍ୟରେ ସମନ୍ୱୟ ତଥା ଦୂରଦୃଷ୍ଟି ଅଭାବ, ପୂଜା ପୂର୍ବରୁ ବରିଷ୍ଠ ନାଗରିକ, ମିଳିତ ବଜାର ପୂଜା କମିଟିର ପୂର୍ବତନ ଅଭିଜ୍ଞ କର୍ମକର୍ତ୍ତାଙ୍କୁ ଡାକି ଆଲୋଚନା ନ କରିବା, ସେମାନଙ୍କ ମତକୁ ଗ୍ରହଣ ନ କରିବା ଏବଂ ଅଭିଜ୍ଞତା ନ ଥିବା ଅଧିକାରୀଙ୍କ ପରାମର୍ଶରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବା କାରଣରୁ ଏଭଳି ଅବ୍ୟବସ୍ଥା ହୋଇଥିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି।

### ମିଳିମିଶି ସମାଧାନ କରିବା ଉଚିତ



ନିଜସ୍ୱ ସମସ୍ୟା କାରଣରୁ ପୂଜା ପ୍ରତିଷ୍ଠାନ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ପ୍ରଶାସନ ଓ ପୋଲିସ ଉପରେ ସବୁ ଦାୟିତ୍ୱ ଛାଡ଼ିଦେବା ଠିକ୍ ନୁହେଁ। ନିଜ ଭିତରେ ସମସ୍ୟାର ସମାଧାନ କରିବା ଉଚିତ। ଏ ସମ୍ପର୍କରେ ସମସ୍ତେ ସଚେତନ ହେବା ଜରୁରୀ।

-ନବୀନଚନ୍ଦ୍ର ନାରାୟଣ ଦାସ, ପୂର୍ବତନ ମନ୍ତ୍ରୀ

### ସମନ୍ୱୟ ରଖି କାର୍ଯ୍ୟ ହେବାର ଥିଲା



ଢେଙ୍କାନାଳରେ ଅଭିଜ୍ଞତାସମ୍ପନ୍ନ ଲୋକ ଅଛନ୍ତି। ସମସ୍ତଙ୍କୁ ନେଇ ସମନ୍ୱୟ ରଖି କାର୍ଯ୍ୟ କରାଯାଇଥିଲେ ଏଭଳି ଘଟଣା ଘଟି ନ ଥାନ୍ତା। ପୋଲିସ ଠିକ୍‌ରେ କାମ କଲା ନାହିଁ। ଫଳରେ ପୂଜା ଆରମ୍ଭରୁ ଶେଷ ଯାଏ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା।

-ବିଶ୍ୱନାଥ ବେହେରା, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ

### ୨୦୧୯ ତୁଳନାରେ କମ୍ ଫୋର୍ସ ଥିଲେ



୨୦୧୯ ତୁଳନାରେ କମ୍ ଫୋର୍ସ ମୁତୟନ ହୋଇଥିଲେ। ପ୍ରଶାସନ, ପୋଲିସ, ମିଳିତ ପୂଜା କମିଟି ଓ ଶାନ୍ତି କମିଟି ମଧ୍ୟରେ ସମନ୍ୱୟର ଘୋର ଅଭାବ ଥିଲା। ଫଳରେ କେତେକ ପୂଜା କମିଟି ମଧ୍ୟରେ ବିବାଦ ଦେଖାଦେଇଥିଲା। ଭସାଣିରେ ଅହେତୁକ ବିଳମ୍ବ ହେଲା।

-ପ୍ରଦ୍ୟୁମ୍ନ ରଥ, ଶିକ୍ଷାବିତ୍

### ଜନସମାଗମ ଆକଳନ କରିପାରିଲେ ନାହିଁ



ଅନଭିଜ୍ଞ ଅଧିକାରୀମାନେ ଠିକ୍ ଭାବେ ଜନସମାଗମର ଆକଳନ କରିପାରିଲେ ନାହିଁ। ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଲା। ନିଆଯାଇଥିବା ନିଷ୍ପତ୍ତି କାର୍ଯ୍ୟକାରୀ ହେଲାନାହିଁ। ଡିଜେ ଶବ୍ଦରେ ଜଣଙ୍କ ଜୀବନ ଗଲା। ଟ୍ରାଫିକ୍‌ରେ ଆମ୍ବୁଲାନ୍ସ ଫସି ରୋଗୀଙ୍କ ମୃତ୍ୟୁ ଘଟିଲା। ସମନ୍ୱୟ ଅଭାବ ଅବ୍ୟବସ୍ଥାର ମୁଖ୍ୟ କାରଣ।

-ରାଜକିଶୋର ବେହେରା, ଉପସଭାପତି, ଶିଳ୍ପ ବାଣିଜ୍ୟ ପ୍ରତିଷ୍ଠାନ

### ପୋଲିସ ସହଯୋଗ ମିଳିଲା ନାହିଁ



ପୋଲିସର କୋହଳ ମନୋଭାବ ଯୋଗୁ ଭସାଣିରେ ସାମାନ୍ୟ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ପୋଲିସ ଅଧିକାରୀମାନେ ଠିକ୍ ଭାବେ ସହଯୋଗ କଲେନାହିଁ। ବୁଝାମଣା ଅଭାବରୁ ବିଭିନ୍ନ ପୂଜା କମିଟି ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଆଲୋଚନା ମାଧ୍ୟମରେ ଏହାର ସମାଧାନ କରାଯିବ।

-ଗୋପାଳ ଚନ୍ଦ୍ର ପାତ୍ର, ସଭାପତି, ମିଳିତବଜାର ପୂଜା କମିଟି

### ଟ୍ରାଫିକ୍ ପରିଚାଳନା ଫେଲ୍ ମାରିଲା



ପୋଲିସ ଓ ପ୍ରଶାସନ ମଧ୍ୟରେ ସମନ୍ୱୟ ଅଭାବରୁ ଟ୍ରାଫିକ୍ ପରିଚାଳନା ଫେଲ୍ ମାରିଲା। ସହଯୋଗ ମନୋବୃତ୍ତି ରହିଥିଲେ କୌଣସି ଅସୁବିଧା ହୋଇ ନ ଥାନ୍ତା। ଜିଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ବୁଝାମଣା ଅଭାବରୁ ଏଭଳି ସ୍ଥିତି ହେଲା।

-ସୁଧାଂଶୁ କୁମାର ଦଳେଇ, ସଭାପତି, ଶାନ୍ତି କମିଟି

## ସଂକ୍ଷେପରେ

### ଶାଳଗଣ୍ଡି ଜବତ



ପରଜଙ୍ଗ, ୨୦।୧୦(ଡି.ଏନ୍.ଏ.): ଢେଙ୍କାନାଳ ବନଖଣ୍ଡ ମହାବିରୋଡ୍ ରେଞ୍ଜ୍ ଡିହତୋଳ ଫରେଷ୍ଟ ସେକ୍ସନର ସାଆନ୍ଦା ବିଟ୍ ଅଧୀନ ଚାନ୍ଦପୁର ପଞ୍ଚାୟତ ନଦୀପଠା ନିକଟରୁ ୨୨ ଘନଫୁଟରୁ ଊର୍ଦ୍ଧ୍ୱ ଶାଳଗଣ୍ଡି ବନ ବିଭାଗ ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୫୦ ହଜାର ଟଙ୍କା ହେବ ବୋଲି ସୂଚନା ଦିଆଯାଇଛି। ନଦୀପଠାରେ କାଠ ମାଫିଆମାନେ ମୂଲ୍ୟବାନ ଶାଳ କାଠ କାଟୁଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିବା ପରେ ବନପାଳ ଅଜିତ ଦଳେଇ, ବନରକ୍ଷୀ ନିରଞ୍ଜନ ନାୟକ ସଦଳବଳ ଚଢ଼ାଉ କରିଥିଲେ। ଜବତ ଶାଳଗଣ୍ଡିକୁ ବନ ବିଭାଗ ନିଜ ହେପାଜତକୁ ନେଇଛି।

### ଆଇନ ସଚେତନତା ଶିବିର

ଢେଙ୍କାନାଳ ଅଫିସ, ୨୦।୧୦: ଢେଙ୍କାନାଳ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶରେ ସଚିବ ମମିତା ସାହୁ ଛାତ୍ରୀଛାତ୍ରଙ୍କ ପାଇଁ ଥିବା ବିଭିନ୍ନ ଆଇନ ସମ୍ପର୍କରେ ଆଲୋକପାତ କରିଥିଲେ। ଭଲ ମଣିଷ ହୋଇ ଦେଶର ଉନ୍ନତି ଲାଗି କାର୍ଯ୍ୟ କରିବା ପାଇଁ ସେ ଉପଦେଶ ଦେଇଥିଲେ। ପ୍ୟାନେଲ ଲୟର ବିଧୁଭୂଷଣ ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ବ୍ରହ୍ମୋତ୍ରୀ ବିଶ୍ୱାଳ, ଶିକ୍ଷୟିତ୍ରୀ ଅନୁପମା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ଜିଲା ପାଠାଗାରରେ ଡମଣା

ଢେଙ୍କାନାଳ ଅଫିସ, ୨୦।୧୦: ଢେଙ୍କାନାଳରେ ବ୍ୟାସକବିଙ୍କ ସ୍ମୃତି ବହନ କରୁଥିବା 'ଫକୀର ମୋହନ ସ୍ମୃତି ସଦନ' ରକ୍ଷଣାବେକ୍ଷଣ ଅଭାବରୁ ସରୀସୃପଙ୍କ ଆବାସସ୍ଥଳୀ ପାଲଟିଛି। ଏହା ମଧ୍ୟରେ ଥିବା ଜିଲା ପାଠାଗାରରେ ୫ଫୁଟର ଡମଣାକୁ ନେଇ ଗୁରୁବାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଜିଲା ପାଠାଗାର ଉନ୍ନୟନ କମିଟି ସଭ୍ୟ ପ୍ରଦ୍ୟୁମ୍ନ ରଥ ସାପଟିକୁ ଦେଖି 'ଆୱାର୍ଡ' ସମ୍ପାଦକ ରାଜେନ୍ଦ୍ର ପାଣିଗ୍ରାହୀଙ୍କୁ ଅବଗତ କରାଇଥିଲେ। ଉକ୍ତ ସଂସ୍ଥାର ସୂର୍ଯ୍ୟକାନ୍ତ ବେହେରା ପହଞ୍ଚି ପୁସ୍ତକ ରଖାଯାଇଥିବା ଲୁହା ଆଲମିରା ତଳୁ ସାପଟିକୁ ଉଦ୍ଧାର କରି ଜଙ୍ଗଲରେ ଛାଡ଼ିଥିଲେ। ରାଜ୍ୟ ସରକାରଙ୍କ ପ୍ରଦତ୍ତ ୪୫ଲକ୍ଷ ଟଙ୍କା ସିଭିଲ ଡିପୋଜିଟ୍ ରହିଥିବାବେଳେ ନୂତନ ପାଠାଗାର ନିର୍ମାଣ ପାଇଁ ନକ୍ସା ଚୂଡ଼ାନ୍ତ ହୋଇପାରୁନାହିଁ। ପାଠାଗାରରେ ଆଲୋକ କିମ୍ବା ପାଠକଙ୍କ ପାଇଁ ସର୍ବନିମ୍ନ ସୁବିଧା ନାହିଁ। ରାଜ୍ୟ ସଂସ୍କୃତି ବିଭାଗ ଓ ଜିଲାପାଳ ଏଥିପ୍ରତି ଦୃଷ୍ଟିଦେବାକୁ ପ୍ରଦ୍ୟୁମ୍ନ ଦାବି କରିଛନ୍ତି।



# ବିଜ୍ଞାନ କିଟ୍ ବ୍ୟବହାର ସମ୍ପର୍କିତ ତାଲିମ



କାର୍ଯ୍ୟକ୍ରମରେ ଅତିଥିଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକମାନେ।

ରାସୋଳ, ୨୦।୧୦(ଡି.ଏନ୍.ଏ.)

ହିନ୍ଦୋଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଣେଶ୍ୱର କ୍ଲବ ଏବଂ ଆଇଏଲ୍‌ପି, ୟୁଏସ୍‌ଏର ମିଳିତ ଆନୁକୂଲ୍ୟରେ ୪୩ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକଙ୍କୁ ନେଇ ବିଜ୍ଞାନ କିଟ୍ ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଏବିଇଓ ନରେଶ ଚନ୍ଦ୍ର ବେହେରା, ଅନୁଷ୍ଠାନ ସଭାପତି ଶ୍ରୀନିବାସ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଇଣ୍ଡିଆ ଲିଟେରାସି ପ୍ରୋଜେକ୍ଟ ବିଜ୍ଞାନ ସଂଯୋଜକ ବିଜୟକ୍ରିଷ୍ଣ ପଣ୍ଡା କିଟ୍ ବ୍ୟବହାର କୌଶଳ ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ୧୫ ସାଇନ୍ସ ପ୍ରୋଜେକ୍ଟ ପ୍ରଦର୍ଶିତ ହୋଇଥିଲା। କ୍ୟାରିୟର କାଉନ୍‌ସେଲିଂରେ ଏହା ଛାତ୍ରୀଛାତ୍ରଙ୍କ ନିମନ୍ତେ କିପରି ଫଳପ୍ରଦ ହୋଇପାରିବ, ସେ ବିଷୟରେ ଆଲୋଚନା କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ରାଜେନ୍ଦ୍ର ପାଳଙ୍କ ନେତୃତ୍ୱରେ ସମସ୍ତ ସହକର୍ମୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଦକ୍ଷତା ଦେଖାଇଲେ ଛାତ୍ରୀଛାତ୍ର





ଜଣେ ପ୍ରତିଯୋଗୀ ଅତିଥିଙ୍କ ସମ୍ମୁଖରେ ପ୍ରତିଭା ପ୍ରଦର୍ଶନ କରୁଛନ୍ତି।

କାମାକ୍ଷାନଗର, ୨୦।୧୦(ଡି.ଏନ୍.ଏ.)

କାମାକ୍ଷାନଗର ବ୍ଲକ କାନପୁରାସ୍ଥିତ ପଞ୍ଚାୟତିରାଜ ହାଇସ୍କୁଲରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତେନ୍ତୁଳିସିଙ୍ଗା ସିଆର୍‌ସିସି ବିଷ୍ଣୁପ୍ରସାଦ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ପୃଷ୍ଟି ଯୋଗଦେଇ ପାଠ ପଢ଼ିବା ସହ ଅନ୍ତର୍ନିହିତ ଗୁଣାବଳୀର ବିକାଶ ହେଲେ ପରିପୂର୍ଣ୍ଣ ମଣିଷ ହୋଇପାରିବ ବୋଲି ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ କହିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲୋକନାଥ ଷଡ଼ଙ୍ଗୀ ଯୋଗଦେଇ ପ୍ରତିଯୋଗୀଙ୍କୁ ମାର୍ଗଦର୍ଶନ କରାଇଥିଲେ।

ଏହି ଉପଲକ୍ଷେ ଉଭୟ କନିଷ୍ଠ ଓ ବରିଷ୍ଠ ବର୍ଗରେ ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ୍, ସୃଜନଶୀଳ ଲିଖନ, ବକ୍ତୃତା, ସଙ୍ଗୀତ, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ, ଓଡ଼ିଆ ହସ୍ତାକ୍ଷର, ଶ୍ରୁତଲିଖନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୧୧ ବିଦ୍ୟାଳୟର ୧୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀମାନେ ବ୍ଲକସ୍ତରକୁ ଚୟନ ହୋଇଛନ୍ତି। ଶିକ୍ଷକ ସୁରେଶ ବିଶ୍ୱାଳ, ଚନ୍ଦ୍ରମଣି ଲେଙ୍କା, ଧ୍ରୁବଚରଣ ସୁନ୍ଦରାୟ, ରୁଦ୍ରନାରାୟଣ ପରିଡ଼ା, ବାନାର୍ଜୀ ମହାନ୍ତି, ନିର୍ମଳ ମହାନ୍ତି, ଅମିତ ନାୟକ, ଦେବୀପ୍ରସାଦ ନାୟକ, ଦେବୀପ୍ରସାଦ ସାହୁ, ଶିକ୍ଷୟିତ୍ରୀ କବିତା ରାଉତ, ଜ୍ୟୋତିର୍ମୟୀ ସାହୁ, ଗୀତା ମହାପାତ୍ର, ଭବାନୀ ସାହୁ, କର୍ମଚାରୀ ଗିରୀଶ ମହାନ୍ତି, ରବିନାରାୟଣ ରାଉତ, ଶାନ୍ତନୁ ରାଉତ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ନିରଞ୍ଜନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ରବିନାରାୟଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଛାତ୍ରଗୋଷ୍ଠୀକୁ ପଥଭ୍ରଷ୍ଟ କରାଯାଉଛି'

ଢେଙ୍କାନାଳ ଅଫିସ, ୨୦।୧୦





ବୈଠକରେ ସଙ୍ଗଠନର ସଦସ୍ୟବୃନ୍ଦ।

ରାଷ୍ଟ୍ରୀୟ ଯୁବ ସଙ୍ଗଠନ ଢେଙ୍କାନାଳ ଶାଖାର ଜିଲା କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ଦଧିବାମନଜୀଉ ମଠ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଦେଶରେ ବଢୁଥିବା ବେରୋଜଗାର ସମସ୍ୟା ଯୁବ ଛାତ୍ର ସମାଜକୁ ପ୍ରଭାବିତ କରୁଛି। ସାମ୍ପ୍ରଦାୟିକ ହିଂସା, ନିଶାଦ୍ରବ୍ୟ ମାଧ୍ୟମରେ ଛାତ୍ରଗୋଷ୍ଠୀଙ୍କୁ ପଥଭ୍ରଷ୍ଟ କରିବା ପାଇଁ ରାଜନୈତିକ ଗୋଷ୍ଠୀ ଷଡ଼ଯନ୍ତ୍ର କରୁଛନ୍ତି। ଦେଶର ଶାସନ ସାମ୍ବିଧାନିକ ବିଧି ବ୍ୟବସ୍ଥା ଅନୁଯାୟୀ ପରିଚାଳିତ ହେଉନାହିଁ । ଯୁବପିଢ଼ି ଆଗକୁ ଆସି ବିପ୍ଳବ କଲେ ଏହାର ସମାଧାନ ହେବ ବୋଲି ମତପ୍ରକାଶ ପାଇଥିଲା। ସେହିପରି ଗଣତନ୍ତ୍ର, ରାଷ୍ଟ୍ରୀୟ ଏକତା, ଅଖଣ୍ଡତାର ସୁରକ୍ଷା ଏବଂ ଦର ବୃଦ୍ଧି ପ୍ରତିବାଦରେ ଗାନ୍ଧୀ ଜୟନ୍ତୀରୁ ଜାତୀୟସ୍ତରରେ ଆରମ୍ଭ ହୋଇଥିବା 'ନଫରତ ଛାଡ଼, ସମ୍ବିଧାନ ବଞ୍ଚାଅ' ଅଭିଯାନକୁ ସମର୍ଥନ କରି ନଭେମ୍ବର ୧୮ରେ ବାଜିଚୌକଠାରୁ ଏକ ପଦଯାତ୍ରା ସହର ପରିକ୍ରମା କରିବ ବୋଲି ରାଷ୍ଟ୍ରୀୟ ସମିତି ସଦସ୍ୟ ମାନସ ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଆଶୁତୋଷ ହୋତା, ସିଦ୍ଧାନ୍ତ ଶତପଥୀ, ସୁଦୀପ ସାହୁ, ଆକାଶ ପ୍ରଧାନ, ରଶ୍ମିରଞ୍ଜନ ବିଶ୍ୱାଳ, ଅନୁଭବ ବେହେରା, ପୂଜାରାଣୀ ସେନାପତି, ପୁଷ୍ପାଞ୍ଜଳି ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଭୁବନ ସହର ସଙ୍ଗଠନ ସଭାପତିଙ୍କ ପରଲୋକ

ଭୁବନ, ୨୦।୧୦(ଡି.ଏନ୍.ଏ.)

- ଜନପ୍ରିୟ ସଙ୍ଗଠକଙ୍କ ଦେହାନ୍ତରେ ଶୋକରେ ବୁଡ଼ିଲା ଅଞ୍ଚଳ
- ଅନ୍ତିମ ଯାତ୍ରାରେ ସାମିଲ ହେଲେ ୧୦ ହଜାରରୁ ଊର୍ଦ୍ଧ୍ୱ ଜନତା



ବାସୁଦେବ ବେହେରା

ଢେଙ୍କାନାଳ ଜିଲା ଭୁବନ ସହର ସଙ୍ଗଠନ ସଭାପତି ବାସୁଦେବ ବେହେରା (୮୨)ଙ୍କ ଗୁରୁବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କ ନେତୃତ୍ୱରେ ଚଳିତବର୍ଷ ଐତିହାସିକ ବଳଦଯାତ୍ରା ଏବଂ ବଡ଼ହାଟ ମଉଡ଼ମଣି ମହାଲକ୍ଷ୍ମୀ ପୂଜା ପ୍ରତିଷ୍ଠାନରେ ପୂଜା ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଥିଲା। ହଠାତ୍ ତାଙ୍କର ଏଭଳି ଦେହାନ୍ତରେ ସାରା ସହର ଶୋକରେ ବୁଡ଼ିଯାଇଛି। ଶବ ଶୋଭାଯାତ୍ରାରେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଏମ୍‌ପି ମହେଶ ସାହୁଙ୍କ ସମେତ ୧୦ହଜାରରୁ ଊର୍ଦ୍ଧ୍ୱ ଲୋକ ସାମିଲ ହୋଇଥିଲେ। ବୁଦ୍ଧେଶ୍ୱର ଶୈବପୀଠ ନିକଟ ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

ଭୁବନର ବଳଦଯାତ୍ରା ଏବଂ ଦୁର୍ଗାପୂଜାକୁ ନୂଆ ପରିଚୟ ଦେଇଥିବା ବାସୁଦେବ ଥିଲେ କାପୁଡ଼ିଆ ସମାଜର ରାଜ୍ୟ ସଭାପତି। ଏଥିସହ ବଡ଼ହାଟ ମଉଡ଼ମଣି ମହାଲକ୍ଷ୍ମୀ ଯୁବକସଂଘ ସଭାପତି ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ। ରଥଯାତ୍ରା, ହିଙ୍ଗୁଳା ଯାତ୍ରା କମିଟି, ଶାନ୍ତି କମିଟି, ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ ପରିଚାଳନା କମିଟି ଦାୟିତ୍ୱରେ ଥିଲେ। ତାଙ୍କ ସମ୍ମାନରେ ସହରର ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା। ସେ ଜଡ଼ିତ ଥିବା ଶିକ୍ଷାନୁଷ୍ଠାନରେ ସ୍ମୃତିସଭାର ଆୟୋଜନ କରାଯାଇଥିଲା।

୩ଦିନ ତଳେ ବଡ଼ହାଟ ମଉଡ଼ମଣି ମହାଲକ୍ଷ୍ମୀ ପୂଜା ପ୍ରତିଷ୍ଠାନର ମେଢ଼ ବିସର୍ଜନ ହୋଇଥିବା ବେଳେ ସଭାପତି ଭାବେ ସେ ଏହାର ନେତୃତ୍ୱ ନେଇଥିଲେ। ସେହିଦିନ ହିଁ ହଠାତ୍ ତାଙ୍କର ରକ୍ତଚାପ ବଢ଼ିଯାଇଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଉଦ୍‌ବେଗଜନକ ଥିବାରୁ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଗୁରୁବାର ଅପରାହ୍ନରେ ସୁସ୍ଥ ହୋଇ ସେ ଘରକୁ ଫେରୁଥିବାବେଳେ ନୀଳକଣ୍ଠପୁର ନିକଟରେ ହୃଦ୍‌ଘାତର ଶିକାର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଭୁବନ ମେଡିକାଲକୁ ନେଇ ଆସିଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଶେଷ ସମୟରେ ୪ ପୁଅ, ବୋହୂ, ନାତିନାତୁଣୀ, ଆତ୍ମୀୟସ୍ୱଜନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପ୍ରାୟ ୮ ମାସ ତଳେ ବାସୁଦେବଙ୍କ ସ୍ତ୍ରୀଙ୍କ ପରଲୋକ ହୋଇଥିଲା।

# ସୁରଟରୁ ଧରାପଡ଼ିଲେ ରଶ୍ମିରଞ୍ଜନ

### ଓକିଲଙ୍କୁ ଆକ୍ରମଣ ମାମଲା

- ଗିରଫଙ୍କ ସଂଖ୍ୟା ୩କୁ ବୃଦ୍ଧି
- ଏବେ ବି ୪ ଅଭିଯୁକ୍ତ ଫେରାର

କାମାକ୍ଷାନଗର, ୨୦।୧୦(ଡି.ଏନ୍.ଏ.)



ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସୂଚନା ଦେଉଛନ୍ତି।

ଢେଙ୍କାନାଳ ଜିଲା କାମାକ୍ଷାନଗରର ଆଇନଜୀବୀ ଶଶଧର ମହାନ୍ତିଙ୍କୁ ଆକ୍ରମଣ ଘଟଣାରେ ଆଉ ୨ ଅଭିଯୁକ୍ତ ଧରାପଡ଼ିଛନ୍ତି। ପୂର୍ବରୁ ପୋଲିସ ଜଣଙ୍କୁ ଧରିଥିଲା। ଏହାପରେ ମୋଟ ଗିରଫ ଅଭିଯୁକ୍ତଙ୍କ ସଂଖ୍ୟା ୩ରେ ପହଞ୍ଚିଥିବା ଗୁରୁବାର କାମାକ୍ଷାନଗର ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ଗତ ସେପ୍ଟେମ୍ବର ୨୮ରେ ଏକ ରେଷ୍ଟୁରାଣ୍ଟରେ କେତେଜଣ ଯୁବକ ଶଶଧର ଏବଂ ତାଙ୍କ ସହକର୍ମୀଙ୍କୁ ବିୟର ବୋତଲରେ ମରଣାନ୍ତକ ଆକ୍ରମଣ କରିଥିଲେ। ସଙ୍କଟାପନ୍ନ ଅବସ୍ଥାରେ ଶଶଧର ଏବେ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ କୋହଳ ମନୋଭାବ ପ୍ରଦର୍ଶନ କରୁଥିବା ଅଭିଯୋଗ ଆଣି ଓକିଲ ସଂଘ ଆନ୍ଦୋଳନକୁ ତୀବ୍ର କରିଥିଲା।

ଏହାପରେ ଏସ୍‌ପି ଏଲ୍. ବିଦ୍ୟା ଭି.ଙ୍କ ନିର୍ଦ୍ଦେଶକ୍ରମେ ଗୁଜରାଟ ସାଇବର ଟିମ୍ ସହଯୋଗରେ ଢେଙ୍କାନାଳ ସାଇବର ପୋଲିସ ସୁରଟରୁ ଅଭିଯୁକ୍ତ ରଶ୍ମିରଞ୍ଜନ ଦାଶ (୨୬)ଙ୍କୁ ଗିରଫ କରିଛି। ତାଙ୍କ ଘର ଜିରିଡ଼ାମାଳି ଗ୍ରାମରେ। ସେହିପରି ରଶ୍ମିଙ୍କ ସୂଚନା ଆଧାରରେ ରାଇବୋଲ ଗ୍ରାମରୁ ମାମଲାର ଅନ୍ୟତମ ଅଭିଯୁକ୍ତ ଶ୍ରୀକାନ୍ତ ସାହୁ (୪୩)ଙ୍କୁ ପୋଲିସ ଗିରଫ କରିଛି। ଏଥିପୂର୍ବରୁ ନୂଆ ଆଳତୁମା ଗ୍ରାମର ଅନିଲ କୁମାର ପି (୨୯) ଗିରଫ ହୋଇଥିଲେ। ଫେରାର ଥିବା ଅନ୍ୟ ୪ ଅଭିଯୁକ୍ତଙ୍କୁ ଧରିବା ପାଇଁ ଯୋଜନା କରାଯାଉଥିବା ଏସ୍‌ଡିପିଓ ରଞ୍ଜନ କୁମାର ଦେ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଥାନାଧିକାରୀ ଶରତ ଚନ୍ଦ୍ର ମହାଳିକ, ଏସ୍‌ଆଇ ପ୍ରତାପ ସାହୁ, ଏଏସଆଇ ଜିତେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

ଅନୁଗୋଳ

- ୬୩ ତମ ପୋଲିସ୍ ଶହୀଦ୍ ସ୍ମୃତି ଦିବସ
- ସ୍ଥାନ- ରିଜର୍ଭ ପୋଲିସ କାର୍ଯ୍ୟାଳୟ ପଡ଼ିଆ, ସମୟ- ସକାଳ ୮ଟା।

## ସଂକ୍ଷେପରେ

### ବଦଳି ବାତିଲ ଦାବିରେ ଧାରଣା

ଅନୁଗୋଳ ଅଫିସ,୨୦।୧୦- ଶିକ୍ଷକଙ୍କ ବଦଳି ବାତିଲ ଦାବିରେ ବଅଁରପାଳ ବ୍ଲକ ବଡ଼କେରଜାଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ରମାନେ ଧାରଣା ଦେଇଛନ୍ତି। ପ୍ରକାଶ ଯେ, ବିଦ୍ୟାଳୟରେ ଇଂଲିଶ ପଢ଼ାଉଥିବା ଶିକ୍ଷକଙ୍କ ବଦଳି ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବ୍ୟାଘାତ ଆଶଙ୍କା କରାଯାଇଛି। ତେଣୁ ବଦଳି ବାତିଲ ଦାବିରେ ଛାତ୍ରୀଛାତ୍ରମାନେ ଧାରଣା ଦେଇଛନ୍ତି। ଏ ନେଇ ଜିଲା ଶିକ୍ଷା ଅଧିକାରୀଙ୍କ ସହ ଯୋଗାଯୋଗ ହୋଇପାରି ନ ଥିବାରୁ ମତାମତ ମିଳିପାରି ନାହିଁ।

### ହାତୀ ଆକ୍ରମଣରେ ଜଣେ ଗୁରୁତର

ବଇଣ୍ଡା,୨୦।୧୦(ଡି.ଏନ.ଏ)- ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ରାଜିଙ୍ଗ ଗ୍ରାମରେ ହାତୀ ଆକ୍ରମଣରେ ସୋମବାର କୁଞ୍ଜ ବିହାରୀ ନାୟକ ଗୁରୁତର ହୋଇଥିଲେ। ତାଙ୍କୁ ବନବିଭାଗ କର୍ମଚାରୀମାନେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। କିନ୍ତୁ ଚିକିତ୍ସା ବ୍ୟବସ୍ଥା କିପରି ଚାଲିଛି ବନ ବିଭାଗ ଅଧିକାରୀ ତଦାରଖ କରୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀ କହିଛନ୍ତି, କୁଞ୍ଜ ମଞ୍ଚା କରି ଧାନ କିଆରି ଜଗିଥିଲେ। ଭୋର ସମୟରେ ମଞ୍ଚା ତଳକୁ ଆସିଥିବାବେଳେ ହାତୀ ତାଙ୍କୁ ଆକ୍ରମଣ କରିଥିଲା।

# ଭଡ଼ାରେ ନେଇ ବିକିଦେଲେଣି ଦୋକାନ ଘର

- ଅଭିଯୋଗ ଆସିବା ପରେ ପୌର କର୍ତ୍ତୃପକ୍ଷଙ୍କ ତନାଘନା
- ଭଡ଼ା ଅର୍ଥ ହ୍ରାସ କରିବାକୁ କରାଯାଉଛି ନକଲି ରାଜିନାମା
- ଅନୁଗୋଳରେ ସରକାରୀ ନିୟମର ହେଉଛି ଉଲ୍ଲଂଘନ




ଅନୁଗୋଳ ଅଫିସ, ୨୦।୧୦

ଆୟ ବୃଦ୍ଧି ସହ ବ୍ୟବସାୟୀଙ୍କୁ ଅଧିକ ପ୍ରୋତ୍ସାହନ ଦେବା ନିମନ୍ତେ ସହରରେ ଦୋକାନ ଘର ନିର୍ମାଣ କରି ଭଡ଼ାରେ ଲଗାଇଛି ଅନୁଗୋଳ ପୌରପାଳିକା। ଚୁକ୍ତି ଅନୁଯାୟୀ ବ୍ୟବସାୟୀମାନେ ପ୍ରତି ମାସରେ ଭଡ଼ା ଅର୍ଥ ପୌର କାର୍ଯ୍ୟାଳୟରେ ଜମା କରିବା କଥା। ହେଲେ କେତେଜଣ ବ୍ୟବସାୟୀ ଭଡ଼ା ଅର୍ଥ ହ୍ରାସ କରିବାକୁ ନକଲି କାଗଜପତ୍ର ପ୍ରସ୍ତୁତ କରିଥିବା ଅଭିଯୋଗ ହେଉଛି। ଏପରି କି ଜଣେ ବ୍ୟବସାୟୀ ପୌରସଂସ୍ଥାର ଦୋକାନ ଘରକୁ ନିଜର ବୋଲି ଦର୍ଶାଇ ଅନ୍ୟଙ୍କୁ ବିକ୍ରି କରିଦେଇଥିବା ଭଳି ସଙ୍ଗିନ ଅଭିଯୋଗ ଆସିଛି। ଏହା ଜଣାପଡ଼ିବା ପରେ ପୌର କର୍ତ୍ତୃପକ୍ଷଙ୍କ ମୁଣ୍ଡବ୍ୟଥା ବଢ଼ିଯାଇଛି।

ଅନୁଗୋଳ ସହରରେ ପୌରପାଳିକାର ମୋଟ ୮୫୬ଟି ଦୋକାନ ଘର ରହିଛି। ଅନୁଗୋଳ ବସ୍‌ଷ୍ଟାଣ୍ଡ, ଡେଲି ମାର୍କେଟ, ମାଛ ବଜାର, କଦମ ପଡ଼ିଆ, ସଞ୍ଜିବନୀ ମାର୍କେଟ, ବାଜର ଛକ, ଅମଲାପଡ଼ା, କଲେଜ ଛକ, ଲକ୍ଷ୍ମୀ ବଜାର, ଶିମିଳପଡ଼ା, ଅମଲାପଡ଼ା ଆଦି ଅଞ୍ଚଳରେ ଏହି ଦୋକାନ ଘରଗୁଡ଼ିକ ରହିଛି। ଲଟେରି କିମ୍ବା ଟେଣ୍ଡର ମାଧ୍ୟମରେ ଏହା ବ୍ୟବସାୟୀମାନଙ୍କୁ ଆବଣ୍ଟନ କରାଯାଇଛି। ହେଲେ ସମ୍ପୃକ୍ତ ବ୍ୟବସାୟୀମାନଙ୍କ ମଧ୍ୟରୁ କେତେଜଣ ପୌରପାଳିକାରୁ ହାତେଇଥିବା ଦୋକାନ ଘରକୁ ଅନ୍ୟକୁ ଭଡ଼ାରେ ଦେଇଛନ୍ତି। ଆଉ କେତେଜଣ ଟିକସ ଫାଙ୍କିବା ପାଇଁ ନକଲି ରାଜିନାମା ପ୍ରସ୍ତୁତ କରିଥିବା ଚର୍ଚ୍ଚା ହେଉଛି। ବ୍ୟବସାୟିକ ଉଦ୍ଦେଶ୍ୟରେ ହେଉଥିବା ଦୋକାନଘର ଗୁଡ଼ିକର ସ୍କୋୟାରଫୁଟ କମାଇ ନକଲି ଏଗ୍ରିମେଣ୍ଟ ପ୍ରସ୍ତୁତ କରାଯାଉଛି। ଏପରି କରି ବ୍ୟବସାୟୀମାନେ ନିର୍ଦ୍ଧାରିତ ଭଡ଼ାକୁ କମ୍ କରିବାରେ ସଫଳ ହେଉଥିବାରୁ ପୌରସଂସ୍ଥାର ଆୟ ହ୍ରାସ ପାଉଥିବା କୁହାଯାଉଛି। ଜଣେ ବ୍ୟବସାୟୀ ଉକ୍ତ ଦୋକାନ ଘରକୁ ବିକ୍ରି କରିଦେଇଦେବା ଭଳି ଅଭିଯୋଗ ହୋଇଛି। ସଞ୍ଜିବନୀ ମାର୍କେଟ କମ୍ପ୍ଲେକ୍ସର ଏକ ଦୋକାନ ଘରକୁ ଏଭଳି ଭାବେ ବିକ୍ରି କରି ଦିଆଯାଇଥିବା ସହରର ଜଣେ ସଚେତନ ନାଗରିକ ୫-ଟି ସଚିବଙ୍କ ନିକଟକୁ ଅଭିଯୋଗ ପଠାଇବା ପରେ ପୌର ପ୍ରଶାସନ ପକ୍ଷରୁ ଏହାର ଖୋଳତାଡ଼ ଆରମ୍ଭ ହୋଇଛି। ତେବେ ପୌରପାଳିକାକୁ ଅବଗତ ନ କରି ଏହାର ଦୋକାନ ଘର ବିକ୍ରି କରିଦିଆଯିବା ସହରରେ ଚର୍ଚ୍ଚାର ବିଷୟ ହୋଇଛି। ନିୟମ କହୁଛି, ଦୋକାନ ଘର ନେଇଥିବା ବ୍ୟବସାୟୀ ଦୋକାନ କରିବାରେ ଅକ୍ଷମ ହେଲେ ପୌର କର୍ତ୍ତୃପକ୍ଷଙ୍କୁ ଉକ୍ତ ଦୋକାନ ଘର ଜିମା ଦେବା କଥା। ନଚେତ୍ ପରିବାର ଲୋକଙ୍କ ନାମରେ ସ୍ଥାନାନ୍ତର କରିବାକୁ ହେଲେ ପୌର ପ୍ରଶାସନର ଅନୁମତି ନିହାତି ଆବଶ୍ୟକ। କିନ୍ତୁ ଏହି ନିୟମ ଠିକ୍ ଭାବେ ପାଳନ କରାଯାଉ ନାହିଁ। ଏଭଳି କେତୋଟି କାରନାମାର ବଳିଷ୍ଠ ପ୍ରମାଣ ପୌର ପ୍ରଶାସନ ହାତରେ ଲାଗିଛି। ଏହି ଘଟଣାର ତଦନ୍ତ କରାଯିବ ବୋଲି ପୌରପାଳିକା ପକ୍ଷରୁ କୁହାଯାଇଛି।

### ଘଟଣାର ତଦନ୍ତ କରାଯିବ



ସରକାରୀ ନିୟମର ଉଲ୍ଲଂଘନ କରି ପୌରପାଳିକାର ଦୋକାନ ଘର ବିକ୍ରି କରାଯିବା ଅଭିଯୋଗର ତଦନ୍ତ କରାଯିବ। ସେହିପରି ଟିକସ ଫାଙ୍କିବାକୁ ହେଉଥିବା ନକଲି ରାଜାନାମାର ପର୍ଦ୍ଦାଫାଶ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

-ଗିରିଜା ଶଙ୍କର ମଲ୍ଲିକ, ପୌର ନିର୍ବାହୀ ଅଧିକାରୀ

### ଅଭିଯୋଗ ସମ୍ପର୍କରେ ଜଣାନାହିଁ



ଅନୁଗୋଳ ପୌରପାଳିକାର ଦୋକାନ ଘର ବିକ୍ରି ସମ୍ପର୍କରେ କିଛି ସୂଚନା ମିଳିନାହିଁ। ଯଦି ଏପରି କିଛି ହୋଇଥିବ, ସେ ନେଇ ନିର୍ବାହୀ ଅଧିକାରୀ ଅବଗତ ଥିବେ। ଠକଙ୍କୁ ଧରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

-ଅକ୍ଷୟ କୁମାର ସାମନ୍ତ, ପୌରାଧକ୍ଷ, ଅନୁଗୋଳ ପୌରପାଳିକା

### ରାଜିନାମାର ଉଲ୍ଲଂଘନ ହେଉଛି



ଅନୁଗୋଳ ପୌରପାଳିକା ପକ୍ଷରୁ ବ୍ୟବସାୟୀଙ୍କ ସହ ରାଜିନାମା କରାଯାଇ ଦୋକାନ ଘର ଭଡ଼ାରେ ପ୍ରଦାନ କରାଯାଇଛି। କିନ୍ତୁ ରାଜିନାମା ବାହାରକୁ ଯାଇ କେତେଜଣ ବ୍ୟବସାୟୀ ଦୋକାନ ଘର ଅନ୍ୟକୁ ଭଡ଼ା ଦେଉଛନ୍ତି। ଏପରି କି ବିକ୍ରି କରିଦେଉଥିବା ଭଳି ଘଟଣା ଘଟୁଛି। ପୌର ପ୍ରଶାସନର କେତେଜଣ ଅସାଧୁ କର୍ମଚାରୀଙ୍କ ଏଥିରେ ସହଯୋଗ ରହୁଛି।

-ସୁବୋଧ ମିଶ୍ର, ବ୍ୟବସାୟୀ

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

dklselfie@gmail.com



@ ସିଦ୍ଧାର୍ଥ



@ ତନିଷ୍କା

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଯୋଜନା ସମ୍ପର୍କରେ ବୁଝାଇଲେ ବିଧାୟକ

ଛେଣ୍ଡିପଦା,୨୦।୧୦(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକର ବରସାହି ଓ ବାଗଡିଆ ପଞ୍ଚାୟତରେ ଗୁରୁବାର ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସୁଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ହୋଇଥିବା ଏହି ପଦଯାତ୍ରାରେ ବିଜେଡିର ବହୁ କର୍ମୀ ଯୋଗଦେଇଥିଲେ। ବରସାହି ପଞ୍ଚାୟତରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ବାଗଡିଆ ପଞ୍ଚାୟତରେ ଶେଷ ହୋଇଥିଲା। ବିଧାୟକ ଜନସାଧାରଣଙ୍କୁ ଭେଟି ସେମାନଙ୍କ ସୁବିଧା ଓ ଅସୁବିଧା ଆଦି ସମ୍ପର୍କରେ ପଚାରି ବୁଝିବା ସହିତ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ବୁଝାଇଥିଲେ। ଏହାପରେ ବିଧାୟକ ଶିମିଳିପାଳ ପଞ୍ଚାୟତର ଇଗ୍ନୋ କଲେଜ ପଡିଆଠାରେ ଆୟୋଜିତ ଏକ ସାଧାରଣ ସଭାରେ ଯୋଗଦେଇଥିଲେ। ଏହି ପଦଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଜିଲା ପରିଷଦ ସଦସ୍ୟ ପ୍ରଦୀପ କିମାର ସାହୁ, ନଗେନ ପ୍ରଧାନ, ଛେଣ୍ଡିପଦା ବ୍ଲକ ଅଧକ୍ଷା ସୁମିତ୍ରା ସାହୁ, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ଗଡନାୟକ, ଟାଙ୍ଗିର ସରପଞ୍ଚ ଅମରେଶ ନାଥ, ନୂଆଗାଁ ସରପଞ୍ଚ ସୌଭାଗ୍ୟ ପ୍ରଧାନ, କଣଲୋଇ ସରପଞ୍ଚ ଜନ୍ମେଞ୍ଜୟ ମାଝି, ପୂର୍ବତନ ସରପଞ୍ଚ ବିଜୟ କୁମାର ଗଡନାୟକ, ରାକେଶ ପ୍ରଧାନ, ଯୋଗେଶ୍ୱର ସାହୁ, ବାସୁଦେବ ସାହୁ, ପ୍ରଶାନ୍ତ ପ୍ରଧାନ, ରମାକାନ୍ତ ପ୍ରଧାନ, ବାପି ପ୍ରଧାନ, ସତ୍ୟବ୍ରତ ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ।




ପଦଯାତ୍ରାରେ ବିଧାୟକଙ୍କ ସହିତ ବିଜେଡି କର୍ମୀମାନେ।

# ନାବାଳିକା ଚମ୍ପଟ

ଅନୁଗୋଳ ଅଫିସ, ୨୦।୧୦

ଅନୁଗୋଳ ଜିଲା ନାଲ୍‌କୋ ଥାନା କେନ୍ଦୁପାଟଣା ସାହିରେ ଥିବା ନବଜୀବନ କମ୍ୟୁନିଟି ସେଣ୍ଟରରୁ ଜଣେ ନାବାଳିକା ଚମ୍ପଟ ମାରିଥିବା କର୍ତ୍ତୃପକ୍ଷ ବସନ୍ତ କୁମାର ପାଇଟାଲ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୨୦/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପାଇଟାଲ କହିଛନ୍ତି, ଚମ୍ପଟ ମାରିଥିବା ନାବାଳିକା ବିହାର ରାଜ୍ୟର। ଗତ ୭ ତାରିଖରେ ଅନୁଗୋଳ ରେଳ ଷ୍ଟେଶନରୁ ପୋଲିସ ଏହି ନାବାଳିକା ଶ୍ରମିକଙ୍କୁ ଉଦ୍ଧାର କରି ଶିଶୁ ମଙ୍ଗଳ ଅଧିକାରୀ(ସିଡବ୍ଲୁସି)ଙ୍କୁ ହସ୍ତାନ୍ତର କରିଥିଲା। ପରେ ସିଡବ୍ଲୁସି ତାଙ୍କୁ ସିସିଆଇରେ ରଖିଥିଲା। ପୂର୍ବରୁ ମଧ୍ୟ ସେ ଥରେ ଖସି ଯାଇଥିଲେ। ଖୋଜାଖୋଜି କରିବା ପରେ ତାଙ୍କୁ ଠାବ କରି ଫେରାଇ ଆଣିଥିଲୁ। ବୁଧବାର ଅପରାହ୍ନରେ ସେ କେଉଁଆଡ଼େ ଚାଲିଯାଇଛନ୍ତି।

# ହୋଣ୍ଡା ୩୦୦ଏଫ୍‌ର ବଜାର ପ୍ରବେଶ

ଅନୁଗୋଳ ଅଫିସ, ୨୦।୧୦

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରମିୟମ ସେଗ୍‌ମେଣ୍ଟର ଅଧିକୃତ ବିକ୍ରେତା ଅନୁଗୋଳର ହୋଣ୍ଡା ବିଗ୍‌ୱିଙ୍ଗରେ ହୋଣ୍ଡା ୩୦୦ଏଫ୍‌ର ବଜାର ପ୍ରବେଶ ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ ଗ୍ରାହକମାନଙ୍କ କରକମଳରେ ଏହି ବଜାର ପ୍ରବେଶ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ନୂତନ ମୋଟରସାଇକେଲରେ ଅତ୍ୟାଧୁନିକ ଫିଚର ଯେପରିକି ହୋଣ୍ଡା ସ୍ମାର୍ଟଫୋନ ଭଏସ୍ କଣ୍ଟ୍ରୋଲ ସିଷ୍ଟମ, ହୋଣ୍ଡା ସିଲେକ୍ଟେବୁଲ ଟରକ୍ୟୁ କଣ୍ଟ୍ରୋଲ, ଆଶିଷ୍ଟ ଆଣ୍ଡ ସ୍ଲିପର କ୍ଲଚ୍, ରେୟାର ମୋନୋ-ସକ୍‌ସସ୍‌ପେନସନ ଆଦି ରହିଛି। ଏହା ଦୁଇଟି ଭାରିଆଣ୍ଟରେ ଉପଲବ୍ଧ ଅଛି। ଏକ୍ସଚେଞ୍ଜ ସହ କମ୍ ସୁଧରେ ଫାଇନାନ୍ସ ସୁବିଧା କରାଯାଇଛି। ଏହି ଅବସରରେ ହୋଣ୍ଡା ବିଗ୍‌ୱିଙ୍ଗର ସ୍ୱତ୍ୱାଧିକାରୀ ସୁଜିତ କୁମାର ଅଗ୍ରୱାଲା କହିଥିଲେ ଯେ, ଗ୍ରାହକମାନଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଏପରି ଅତ୍ୟାଧୁନିକ ମଡେଲ୍ ସହିତ ଉତ୍ତମ ସେବା ଯୋଗାଇ ଦେବା ଆମର ଲକ୍ଷ୍ୟ।




ହୋଣ୍ଡା ବିଗ୍‌ୱିଙ୍ଗରେ ହୋଣ୍ଡା ୩୦୦ଏଫ୍‌ର ବଜାର ପ୍ରବେଶ କରାଯାଉଛି।

# ପାଣି ପାଇପ୍ ଫାଟିବା ନେଇ ଗ୍ରାମରେ ଉତ୍ତେଜନା

ବଇଣ୍ଡା,୨୦।୧୦(ଡି.ଏନ.ଏ)

୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ କରୁଥିବା ଠିକାସଂସ୍ଥା ଏଆଇପିଏଲର ଜେସିବି ମେଶିନ ବାଜି ପାଣି ପାଇପ୍ ଫାଟିଯିବାରୁ କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ କଦଳୀମୁଣ୍ଡା ଗ୍ରାମବାସୀ ପାନୀୟ ଜଳ ପାଇପାରୁ ନାହାନ୍ତି। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ଏ ନେଇ ଗ୍ରାମବାସୀ ଗୁରୁବାର ଅନୁଗୋଳ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି।

ଗ୍ରାମବାସୀ କହିଛନ୍ତି, ବଇଣ୍ଡା ମା' ମଙ୍ଗଳା ସାହିରେ ଥିବା ଜଳଯୋଗାଣ ପ୍ରକଳ୍ପରୁ କଦଳୀମୁଣ୍ଡା ଅଞ୍ଚଳକୁ ପିଇବା ପାଇଁ ଯୋଗାଣ ହେଉଛି। କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ କଡରେ ପାଇପ୍ ଗୁଡିକ ଯାଇଥିବାବେଳେ ରାଜପଥ ନିର୍ମାଣ କାର୍ଯ୍ୟ କରୁଥିବା ଠିକାସଂସ୍ଥା ପକ୍ଷରୁ ପାଇପ୍ ସ୍ଥାନାନ୍ତର କରାଯାଇ ନାହିଁ। ତେବେ ଜେସିବି ମେଶିନ ଦ୍ୱାରା ପାଇପ୍ ଫଟାଇ ଦିଆଯାଇଥିବାରୁ ଗ୍ରାମକୁ ପଠାଯାଉଥିବା ପିଇବା ପାଣି ରାସ୍ତାରେ ଭାସୁଛି। ସେହିପରି ଠିକାସଂସ୍ଥା ପକ୍ଷରୁ ବିଳମ୍ବିତ ରାତିରେ କାମ କରାଯାଉଥିବାବେଳେ ଅନେକ କେବୁଲ ତାର କଟି ନଷ୍ଟ ହୋଇଯାଉଛି। ତୁରନ୍ତ ପାଇପ୍ ମରାମତି କରିବା ସହ ନୂତନ ପାଇପ୍ କାମ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଠିକାସଂସ୍ଥା ଜେନରାଲ ମ୍ୟାନେଜର ବିମଲ ପାଲ କହିଛନ୍ତି, ଫାଟି ଯାଇଥିବା ପାଇପ୍ ତୁରନ୍ତ ମରାମତି କରାଯିବ।

# ଦାବି ଜଣାଇଲା କର୍ମଚାରୀ ସଂଘ

ଅନୁଗୋଳ ଅଫିସ, ୨୦।୧୦

ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ସେନବାଗମ୍ ମନ୍ଥିରାମ୍ ଗୁରୁବାର ଅନୁଗୋଳ ଗସ୍ତରେ ଆସି ଅନୁଗୋଳ ଡିଭିଜନର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଭାଗରେ କାର୍ଯ୍ୟରତ ଠିକା କର୍ମଚାରୀଙ୍କୁ ଡକାଯାଇ ନ ଥିଲେ ମଧ ଶତାଧିକ ଶ୍ରମିକ, କର୍ମଚାରୀ ସିଇଓଙ୍କୁ ସ୍ୱାଗତ କରିଥିଲେ। ସ୍ଥାନୀୟ ଟିପିସିଓଡିଏଲ୍ ଅଧିକାରୀଙ୍କ ଆମନ୍ତ୍ରଣକ୍ରମେ ବାବା ଚମ୍ପେଶ୍ୱର ବିଦ୍ୟୁତ୍ କର୍ମଚାରୀ ସଂଘର କର୍ମକର୍ତ୍ତାମାନେ ସିଇଓଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ପରେ ତାଙ୍କ ଉଦ୍ଦେଶ୍ୟରେ ମାନବସମ୍ବଳ ବିଭାଗ ମୁଖ୍ୟ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। କମ୍ପାନୀରେ କାର୍ଯ୍ୟରତ ମିଟର ରିଡର ଓ ବିଲ୍ କଲେକ୍ଟରମାନେ ପ୍ରାୟ ୧୦ ବର୍ଷରୁ ଉର୍ଦ୍ଧ୍ୱ ଧରି ନିଷ୍ଠାର ସହ କାର୍ଯ୍ୟ କରୁଥିଲେ ମଧ ସ୍ଥାୟୀ ନିଯୁକ୍ତି ପ୍ରଦାନ କରାଯାଉ ନାହିଁ। ତେଣୁ ସ୍ଥାୟୀ ନିଯୁକ୍ତି ଦିଆଯିବାକୁ କର୍ମଚାରୀମାନେ ଦାବିପତ୍ରରେ ଉଲ୍ଲେଖ କରିଥିବା ସଂଘ କାର୍ଯ୍ୟକାରୀ ସଭାପତି ମାନସ ପାଳ, ସମ୍ପାଦକ ଦୀପକ କୁମାର ସିଂ, ସଂଘ କାର୍ଯ୍ୟକର୍ତ୍ତା ସୁକାନ୍ତ ସାହୁ, ଦିଲୀପ କୁମାର ବିଶ୍ୱାଳ, ପ୍ରଫୁଲ୍ଲ ସାହୁ ପ୍ରମୁଖ କହିଛନ୍ତି।



ଟିପିସିଓଡିଏଲ ସିଇଓଙ୍କୁ ସ୍ୱାଗତ କରାଯାଉଛି।

# ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା

ବଇଣ୍ଡା,୨୦।୧୦(ଡି.ଏନ.ଏ)

ଆଠମଲ୍ଲିକ ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି ବିଧାୟକ ରମେଶ ଚନ୍ଦ୍ର ସାଏ। ଗୁରୁବାର ବ୍ଲକ ସଭାଗୃହ ପରିସରରେ ଏହି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ଲକରେ ହେଉଥିବା ସରକାରୀ କାର୍ଯ୍ୟଗୁଡିକ କିଭଳି ଚାଲିଛି ସେ ସମ୍ପର୍କରେ ବିଧାୟକ ବିଭାଗୀୟ ଅଧକାରୀଙ୍କୁ ନେଇ ସମୀକ୍ଷା କରିଥିଲେ। ଏଥିସହ ଅଧପନ୍ତରିଆ ପ୍ରକଳ୍ପଗୁଡିକ ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସମସ୍ତ ସରକାରୀ ଯୋଜନା କିଭଳି ଗ୍ରାମାଞ୍ଚଳର ଲୋକଙ୍କ ନିକଟରେ ଠିକ୍ ଭାବେ ପହଞ୍ଚିବ, ସେ ନେଇ ସମସ୍ତ ଅଧିକାରୀ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ବ୍ଲକ ଅଧକ୍ଷ ଦୁଃଶାସନ ରାଉଳ, ଉପାଧକ୍ଷା ମମତା ମହାକୁଡ, ଜିଲାପରିଷଦ ସଦସ୍ୟ ଯୁଧିଷ୍ଠିର ସିଂହ, ଏବିଡିଓ ଦିଲୀପ ପ୍ରଧାନ, ବ୍ଲକ ବିଜେଡି ସଭାପତି ବୃନ୍ଦାବନ ସାହୁ, ବିଧାୟକଙ୍କ ପ୍ରତିନିଧି ରଜତ କୁମାର ରଥଙ୍କ ସମେତ ବହୁ ଅଧିକାରୀ ଯୋଗ ଦେଇଥିଲେ।



ବୈଠକରେ ଉପସ୍ଥିତ ବିଧାୟକଙ୍କ ସମେତ ଅନ୍ୟମାନେ।

# ଖମାରରେ ଭସାଣି ଶୋଭାଯାତ୍ରା

ଖମାର, ୨୦।୧୦ (ଡି.ଏନ.ଏ.)

ପାଲଲହଡ଼ା ଉପଖଣ୍ଡ ଖମାର ଅଞ୍ଚଳରେ ମା' ଲକ୍ଷ୍ମୀଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୧୨ ପଞ୍ଚାୟତରେ ହୋଇଥିବା ମେଢ଼ ମଧ୍ୟରୁ ଖମାର ବଜାରସ୍ଥିତ ସୁଲିଆ ବଜାର ଓ କ୍ୟାପିଟାଲ ବଜାରର ପୂଜା ବେଶ୍ ଆକର୍ଷଣୀୟ ଥିଲା। ଭସାଣି ଉତ୍ସବରେ ଘଣ୍ଟୁଆ, ଗଡଡ଼ ବାଡ଼ି, ବ୍ୟାଣ୍ଡପାର୍ଟି, ମେଲୋଡି, ଲଉଡି ଖେଳ, ଦୁଲୁଦୁଲି, ଘୋଡା ନାଚ ଦେଖିବାକୁ ମିଳିଥିଲା। କଲେଜ ପଡିଆରୁ ଆରମ୍ଭ ହୋଇଥିବା ଶୋଭାଯାତ୍ରା ବଜାର ପରିକ୍ରମା କରିବା ପରେ ଜଗନ୍ନାଥ ମନ୍ଦିର ପୋଖରୀରେ ମା'ଙ୍କୁ ବିସର୍ଜନ କରାଯାଇଥିଲା। ଭସାଣି ଦେଖିବାକୁ ସହସ୍ରାଧିକ ଲୋକଙ୍କ ଗହଳି ହୋଇଥିଲା। ଅପରାହ୍ନ ୧ଟାରେ ଆଞ୍ଚା ଲଡୁ ନିଲାମ ହୋଇଥିଲା। ବ୍ୟବସାୟୀ ଶକ୍ତି ପ୍ରସାଦ ନାୟକ ଏହାକୁ ନିଲାମ ନେଇଥିଲେ। ଏହି ନିଲାମ ଉତ୍ସବରେ ଖମାର ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଶାନ୍ତ କୁମାର ପଡିହାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିସହିତ ସୁଲିଆ ବଜାର କମିଟି ସଭାପତି ଧରଣୀଧର ବିଶ୍ୱାଳ, ସମ୍ପାଦକ ଫଣି ଭୂଷଣ ବିଶ୍ୱାଳ, ଭଗବାନ ଅମ୍ଭ, ରମେଶ ସାହୁ, ଗୋକୁଲା ନାହାକ, ଭରତ ନାହାକଙ୍କ ସହିତ ସୁଲିଆ ବଜାର କମିଟିର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



# 'ଯଶସ୍ୱୀ' କରୁଛି ଦକ୍ଷତା ବିକାଶ

ଅନୁଗୋଳ ଅଫିସ, ୨୦।୧୦

### ଜେଏସ୍‌ପି ଫାଉଣ୍ଡେଶନର ମେଧାବୃତ୍ତି




ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି)ର ସାମାଜିକ ଉତ୍ତର ଦାୟିତ୍ୱ ଶାଖା ଭାବେ କାର୍ଯ୍ୟ କରୁଥିବା ଜେଏସ୍‌ପି ଫାଉଣ୍ଡେଶନ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯଶସ୍ୱୀ ମେଧାବୃତ୍ତି ଯୋଜନାକୁ ବେଶ୍ ସଫଳତା ମିଳୁଛି। ଏହି ଯୋଜନା ମାଧ୍ୟମରେ ପ୍ରତିଭା ସମ୍ପନ୍ନ ବାଳିକା ଓ ମହିଳାମାନଙ୍କ ଶିକ୍ଷା ଏବଂ ଦକ୍ଷତା ବିକାଶ କରାଯାଉଥିବାରୁ ଓଡ଼ିଶା, ଛତିଶଗଡ଼ ଏବଂ ଝାଡ଼ଖଣ୍ଡ ରାଜ୍ୟର ଅନେକ ବାଳିକା ଏବଂ ମହିଳା ଉପକୃତ ହୋଇପାରିଛନ୍ତି।

ଆର୍ଥିକ ଦୃଷ୍ଟିକୋଣରୁ ଅନଗ୍ରସର ଏବଂ ଉଚ୍ଚଶିକ୍ଷା ପାଇବାରୁ ବଞ୍ଚିତ ରହିଥିବା ମେଧାବୀ ବାଳିକା ଓ ମହିଳାମାନେ ଏହି ଯଶସ୍ୱୀ ମେଧାବୃତ୍ତି ସହ ନିଜକୁ ଜଡିତ କରି ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାର ପ୍ରୟାସ ଜାରି ରଖିଛନ୍ତି। ଏହି ଛାତ୍ରବୃତ୍ତି ପାଇବା ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଦଶମ ଶ୍ରେଣୀ ପାସ୍ ଓ ବୟସ ୧୬ ରୁ ୩୦ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ଯେଉଁ ବାଳିକା, ମହିଳାମାନେ ଦ୍ୱାଦଶ ଶ୍ରେଣୀରେ ପଢୁଥିବେ ଏବଂ ଦଶମ ଶ୍ରେଣୀରେ ସର୍ବନିମ୍ନ ୬୦ ପ୍ରତିଶତ ନମ୍ବର ରଖିଥିବେ, ସ୍ନାତକ କିମ୍ବା ସ୍ନାତକୋତ୍ତର ଶ୍ରେଣୀରେ ପଢୁଥିବା ଛାତ୍ରୀମାନେ ପୂର୍ବବର୍ଷ ପରୀକ୍ଷାରେ ଯଦି ସର୍ବନିମ୍ନ ୫୦ ପ୍ରତିଶତ ନମ୍ବର ରଖିଥିବେ, ମେଡିକାଲ କିମ୍ବା ଇଞ୍ଜିନିୟରିଂ ପଢୁଥିବା ଛାତ୍ରୀମାନେ ଏଣ୍ଟ୍ରାନ୍ସ ପରୀକ୍ଷାରେ ସଫଳତା ପାଇଥିବେ, ସେହିମାନେ ଏହି ଯଶସ୍ୱୀ ଯୋଜନା ଦ୍ୱାରା ଉପକୃତ ହୋଇପାରିବେ। ଏଥିସହିତ ଯେଉଁ ବାଳିକା ଏବଂ ମହିଳାମାନେ ଦଶମ ଶ୍ରେଣୀରେ ଅନ୍ୟୂନ ୫୦ ପ୍ରତିଶତ ନମ୍ବର ରଖି ପାସ କରିଥିବେ, ସେମାନେ କୌଶଳ ବିକାଶ ଶିକ୍ଷା ପାଇଁ ମେଧାବୃତ୍ତି ନିମନ୍ତେ ଆବେଦନ କରିପାରିବେ। ଚଳିତ ବର୍ଷ ଆବେଦନ କରିବାର ଶେଷ ତାରିଖ ଅକ୍ଟୋବର ୩୦ ତାରିଖ ରଖାଯାଇଛି ବୋଲି କୁହାଯାଇଛି।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

